ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in





## ନିୟାମକ  ଅଭିନବୀକରଣରେ 'ବିଶାଳ ତଥ୍ୟ' ଭିତ୍ତିର ପ୍ରୟୋଗ ପାଇଁ ପ୍ରୟାସ ଆରମ୍ଭ ।

### ସମନ୍ୱିତ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ।

ଭୁବନେଶ୍ୱର, ୨୧.୧.୨୦

'ମୋ ସରକାର'  ଏବଂ ୫-ଟି ସୂତ୍ରର ସଫଳ ରୂପାୟନ ଦିଗରେ ଅନ୍ୟଏକ  ପଦକ୍ଷେପ ସ୍ୱରୁପ ରାଜ୍ୟରେ ନିୟାମକ  ଅଭିନବୀକରଣରେ ବିଶାଳତଥ୍ୟ (ବିଗ୍ ଡାଟା ) ର ପ୍ରୟୋଗ ନିମନ୍ତେ ପ୍ରୟାସ ଆରମ୍ଭ କରାଯାଇଛି । ଏଥି ପାଇଁ  ମୁଖ୍ୟ ଶାସନ ସଚିବ  ଶ୍ରୀ ଅସିତ୍ ତ୍ରିପାଠୀଙ୍କ  ଅଧ୍ୟକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ରାଜ୍ୟରେ ଏକ ତଥ୍ୟ ନିୟାମକ ଅଭିନବୀକରଣ କେନ୍ଦ୍ର (ଡ଼ି.ପି.ଆଇ.ସି) ବିକଶିତ କରିବା ବିଷୟରେ ଚିକାଗୋ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ  ପ୍ରସ୍ତାବ ରଖିଥିଲେ ।

ପ୍ରସ୍ତାବର ବିଭିନ୍ନ ଦିଗକୁ  ବିଚାର କରି ରାଜ୍ୟରେ ବିଭିନ୍ନ ବିଭାଗରେ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ବ୍ୟବସ୍ଥା ସହ ଏକ ସମନ୍ୱିତ ପ୍ରସ୍ତାବ ପ୍ରସ୍ତୁତ  କରିବାକୁ  ମୁଖ୍ୟ ଶାସନ ସଚିବ  ଶ୍ରୀ ତ୍ରିପାଠୀ  ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ, ବର୍ତ୍ତମାନ ଅର୍ଥ ବିଭାଗ, ଯୋଜନା ଓ ସମନ୍ୱୟ ବିଭାଗ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ମାନଙ୍କରେ ତଥ୍ୟ ସଂଗ୍ରହ ଏବଂ ଅନୁଶୀଳନ କାର୍ଯ୍ୟ

କରାଯାଉଛି । ରାଜ୍ୟରେ ନିୟାମକ  ଅଭିନବୀକରଣ ଏବଂ ସେବା ଯୋଗାଣ  ଆଦି କ୍ଷେତ୍ରରେ ବିଶାଳ ତଥ୍ୟ (ବିଗ୍ ଡାଟା) ର ପ୍ରୟୋଗ ନିମନ୍ତେ ବୈଠକରେ ନିତୀଗତ ସହମତି ପ୍ରକାଶ ପାଇଥିଲା ।

ବୈଠକର ଆଲୋଚନାରୁ ଜଣାପଡିଛି, ଡ଼ି.ପି.ଆଇ.ସି. ବିଗ୍ ଡାଟା ଏକତ୍ରୀକରଣ, ଆଧୁନିକଆର୍ଥିକ ଓ ପରିସଂଙ୍ଖ୍ୟାନ ମୋଡେଲ୍ ମାଧ୍ୟମରେ ସେସବୁର ଅନୁଶୀଳନ ଏବଂ ନିଷ୍କର୍ଷ ଭିତ୍ତିରେ ପ୍ରଚଳିତ ନିୟାମକର ଅଭିନବୀକରଣ ଆଦି ପାଇଁ ଏକ ଉତ୍କୃଷ୍ଟ କେନ୍ଦ୍ର ଭାବେ ସହାୟକ  ହୋଇପାରିବ । ପ୍ରଶାସନିକ ବ୍ୟବସ୍ଥାର ବିଭିନ୍ନ କ୍ଷେତ୍ରରେ 'ବିଗ୍ ଡାଟା' ର ପ୍ରୟୋଗ  ଉପାଦେୟତା ରହିଛି ।  ରାଜ୍ୟରେ ମୁଖ୍ୟତଃ ଜଳ ଓ ବିଦ୍ୟୁତର ଉପଯୁକ୍ତ ବିନିଯୋଗ, କୃଷି ବିବିଧକରଣ, ପ୍ରଦ୍ୟୁଷଣ ନିୟନ୍ତ୍ରଣ, ଶିକ୍ଷାଗ୍ରହଣ ଫଳାଫଳର ଅବିବୃଦ୍ଧି, ବିଦ୍ୟୁତ ବଣ୍ଟନ ପ୍ରକ୍ରିୟାଜନିତ କ୍ଷତିର ନିୟନ୍ତ୍ରଣ ଆଦି  ବିଷୟରେ ଏହା ଅଧିକ ଉପାଦେୟ  ହେବ ବୋଲି  ବିଶେଷଜ୍ଞମାନେ ମତ ଦେଇଥିଲେ । ଏହି କାର୍ଯ୍ୟ ରାଜ୍ୟ ସରକାର ଏବଂ ଚିକାଗୋ ବିଶ୍ୱବିଦ୍ୟାଳୟଙ୍କର ସହଭାଗିତାରେ କରିବା ନିମନ୍ତେ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା ।

ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ  ତଥା କୃଷି ଉତ୍ପାଦନ କମିଶନର ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର କୃଷି ଓ କୃଷକ  ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୌରଭ ଗର୍ଗ, ଅର୍ଥ ବିଭାଗ  ପ୍ରମୁଖ ଶାସନ ସଚିବ  ଶ୍ରୀ ଅଶୋକ ମୀନା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍,  ସୂଚନା ଓ ପ୍ରଯୁକ୍ତି ବିଦ୍ୟା  ଶାସନ ସଚିବ ଶ୍ରୀ ମନୋଜ ମିଶ୍ର, ଚିକାଗୋ ୟୁନିଭରସିଟି ଶକ୍ତି ନିୟାମକ ଇନଷ୍ଟିଚ୍ୟୁଟ୍ ର ଦକ୍ଷିଣ ଏସିଆ ନିର୍ଦ୍ଦେଶକ ଡ଼ଃ ଅନନ୍ତ ସୁଦର୍ଶନଙ୍କ ସମେତ ବିଶେଷଜ୍ଞମାନେ  ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ